## ସଂକ୍ଷେପରେ

### ବନ୍ଧୁକ ଦେଖାଇ ମହିଳାଙ୍କଠାରୁ ସୁନା ଲୁଟ୍

ବାସୁଦେବପୁର, ୧।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ମଖଲପୁର ଛକଠାରେ ଶୁକ୍ରବାର ଅପରାହ୍ନରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟି ନେଇଛନ୍ତି। ଉକ୍ତ ମହିଳା ହେଲେ ରତାଙ୍ଗ ଗ୍ରାମର ମୋନାଲିସା ମହାନ୍ତି। ସେ ବାସୁଦେବପୁରରୁ ସ୍ୱାମୀଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇଥିଲେ। ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ସୁନା ଚେନ୍ ନେଇଯାଇଥିଲେ। ଏନେଇ ମୋନାଲିସା ବାସୁଦେବପୁର ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

### ଯୁବ ସଂସଦୀୟ କାର୍ଯ୍ୟକ୍ରମରେ ପ୍ରତିଭା ସମ୍ବର୍ଦ୍ଧିତ

ଭଦ୍ରକ, ୧।୩ (ସନାତନ ରାଉତ)

ଧାମନଗର ବ୍ଲକର ଅସୁରାଳିସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଆଣ୍ଡ୍ ଟେକ୍ନୋଲୋଜି (ବେଷ୍ଟ) ପରିସରରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଦ୍ୱାରା ଯୁବ ସଂସଦୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅନ୍ୟତମ ଅତିଥି ଭାବେ ଜିଲା ନିଯୁକ୍ତିକାରୀ ବିଭାଗର ମୁଖ୍ୟ ଅନୀତା ନାୟକ, ବେଷ୍ଟର ଅଧକ୍ଷ ଇଂ. ରବୀନ୍ଦ୍ର କୁମାର ଜେନା, ଓଡ଼ିଶା ମୁଖଶାଳା ସାହିତ୍ୟ ପତ୍ରିକାର ସମ୍ପାଦକ କାଳୀଚରଣ ପଣ୍ଡା ଓ ସାହିତ୍ୟିକ ଅଭୟ ସୂତାର ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଉତ୍ତମ ଚରିତ୍ର ଗଠନ କରିବା ସହ ବର୍ତ୍ତମାନ ଯୁଗର ଆବଶ୍ୟକତାକୁ ନେଇ ନିଜକୁ ପ୍ରସ୍ତୁତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନୃତ୍ୟ ଓ ବହୁଭାଷୀ କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ସୁଶ୍ରୀ ସଙ୍ଗୀତା ସାହୁ, ବିଶ୍ୱାସ ଫାଉଣ୍ଡେଶନ ଏବଂ ସେବାନିବୃତ୍ତ ପ୍ରଧାନଶିକ୍ଷକ ବଂଶୀଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଇଂ. କିଶୋର ପୃଷ୍ଟି ଓ ସହସମ୍ପାଦକ ଅବଦୁଲ ସାଜିଦ ଖାନ୍ ପରିଚାଳନା କରିଥିଲେ। ଅଧ୍ୟାପକ ଇଂ. ମଳୟ ରଞ୍ଜନ ସାହୁ, ଭାରତ ଭୂଷଣ ଦାସ, ଇଂ. କୀର୍ତ୍ତି ଭୂଷଣ ସେଠୀ, ଦୁର୍ଗାପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଇଂ. ସୂର୍ଯ୍ୟକାନ୍ତ କର ଧନ୍ୟବାଦ ଦେଇଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

ବାସୁଦେବପୁର, ୧।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଚୁଡ଼ାମଣି ଅଞ୍ଚଳର ସାମାଜିକ କର୍ମୀ ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ଏକାଦଶାହ ଅବସରରେ ଚୁଡ଼ାମଣିସ୍ଥିତ ତାଙ୍କ ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ଚୁଡ଼ାମଣି ଲବଣ ସତ୍ୟାଗ୍ରହ କମିଟି, ଗୀତାଜ୍ଞାନ ଯଜ୍ଞ କମିଟି ସମେତ ବହୁ ଅନୁଷ୍ଠାନର ସ୍ରଷ୍ଟା ଥିଲେ। କୋଲକାତାରେ ଓଡ଼ିଆମାନଙ୍କ ପାଇଁ ବହୁ ଜନକଲ୍ୟାଣକାରୀ କାର୍ଯ୍ୟ କରି ସେଠାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ସଭାରେ କୁହାଯାଇଥିଲା। ରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ତ୍ରୈଲୋଚନ ଜେନା, ଦୁଶାସନ ରାଉତ, ସୁଧାଂଶୁ ଶେଖର ମିଶ୍ର, ଗଗନ ବିହାରୀ ସେଠୀ, କିଶୋର ଚନ୍ଦ୍ର ମଳିକ, ସରପଞ୍ଚ ଅଗଣୀ ପ୍ରସାଦ ଜେନା, କବି ବିକାଶ ଚନ୍ଦ୍ର ଶତପଥୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ଅଂଶୁଘାତ ପୀଡ଼ିତଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା

ଭଦ୍ରକ, ୧।୩ (ସନାତନ ରାଉତ)



ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅଧିକାରୀମାନେ।

**ଅଂଶୁଘାତ ମୁକାବିଲା ଲାଗି ପ୍ରଶାସନିକ ପ୍ରସ୍ତୁତି**
■ ଅଚଳ ନଳକୂପ ମରାମତି, ୧୧ଟା ପରେ ଶ୍ରମିକଙ୍କ ଶ୍ରମ ନିଷେଧ ଉପରେ ଗୁରୁତ୍ୱ

ଗତ ୪ ବର୍ଷରେ ଭଦ୍ରକ ଜିଲାରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ଶୂନ ରହିଛି। ଚଳିତବର୍ଷ ଏହା ବଜାୟ ରଖିବାକୁ ପ୍ରସ୍ତୁତି ଓ ତତ୍ପର ରହିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ଅଂଶୁଘାତ ମୁକାବିଲା ପାଇଁ ଅନୁଷ୍ଠିତ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବିଭାଗୀୟ ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ସଂଯୋଜନାରେ ଦୃଶ୍ୟଫଳକ ଜରିଆରେ ଜିଲା ଜରୁରିକାଳୀନ ଅଧିକାରୀ ତନ୍ମିତା କର ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ, ପାନୀୟ ଜଳ, ପ୍ରାଣୀ ସମ୍ପଦ, ଶିକ୍ଷା, ଅଙ୍ଗନୱାଡି, ବସ୍ ଚଳାଚଳ, ଶ୍ରମିକ କଲ୍ୟାଣ ଆଦି ବିଭାଗୀୟ ମୁଖ୍ୟଙ୍କ ତଥ୍ୟ ଉପସ୍ଥାପନ ଆଧାରରେ ସମୀକ୍ଷା କରାଯାଇଥିଲା। ଅଂଶୁଘାତ ପୀଡ଼ିତଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ସିଏଚ୍‌ସିରେ ସ୍ୱତନ୍ତ୍ର କକ୍ଷ ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ସିଡିଏମ୍‌ଓ ଡା. ସନ୍ତୋଷ ପାତ୍ରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରୀଷ୍ମଋତୁ ପୂର୍ବରୁ ଅଚଳ ନଳକୂପ ମରାମତି, ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଣ ନେଇ ଅଭିଯୋଗର ସମାଧାନ କରିବା, ଜଳଛତ୍ର ଖୋଲାଯିବା, ପଶୁପକ୍ଷୀଙ୍କ ପାଇଁ ପାଣି କୁଣ୍ଡ ନିର୍ମାଣ, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନଙ୍କ ଲାଗି ଶ୍ରମ ନିଷେଧ ଆଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ କୁମାର ପାତ୍ର, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ବୃଦ୍ଧ ଗିରଫ

ତିହିଡ଼ି, ୧।୩ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପା ଗୁରୁବାର ଏନେଇ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୦/୨୪) ରୁଜୁ କରି ଅଭିଯୁକ୍ତ ମହରମପୁର ଗ୍ରାମର ଜଣେ ବୃଦ୍ଧଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ କାଳନ୍ଦୀ ପଶୁପାଳକ(୬୩)।

ଅଭିଯୋଗ ଅନୁଯାୟୀ, କାଳନ୍ଦୀ ଗତ ୨ମାସ ହେଲା ଚକୋଲେଟ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ସମ୍ପର୍କ ରଖିବାକୁ ଉଦ୍ୟମ ଚଳାଇଥିଲେ। ଏପରିକି ତାଙ୍କୁ ଅସଦାଚରଣ କରିବାକୁ ମଧ୍ୟ ସେ ଉଦ୍ୟମ କରିଥିଲେ। କାଳନ୍ଦୀ ତାଙ୍କ ଘରକୁ ଡାକି ନେଇ ଚକୋଲେଟ୍ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଗୁରୁବାର ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କ ବାପା ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତ କାଳନ୍ଦୀଙ୍କୁ ଡାକ୍ତରୀ ପରୀକ୍ଷା କରାଯିବା ପରେ କୋର୍ଟଚାଲାଣ କରାଯାଇଛି।

# ତୀର୍ଥଯାତ୍ରା ଗଲେ ବରିଷ୍ଠ ନାଗରିକ



ବସ୍‌ରେ ଯାତ୍ରା କରୁଛନ୍ତି ତୀର୍ଥଯାତ୍ରୀ।

ଭଦ୍ରକ(ସନାତନ ରାଉତ)/ ବାସୁଦେବପୁର (ନାରାୟଣ ପ୍ରସାଦ ବାରିକ୍), ୧।୩

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ଭଦ୍ରକ ଜିଲାରୁ ୧୪୬ଜଣ ବରିଷ୍ଠ ନାଗରିକ ଶୁକ୍ରବାର ତୀର୍ଥଯାତ୍ରାରେ ଯାଇଛନ୍ତି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ଓ ଜିଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖଙ୍କ ଉପସ୍ଥିତିରେ ଅପରାହ୍ନରେ ତୀର୍ଥଯାତ୍ରାରେ ବାହାରିଥିବା ୪ଟି ବସ୍‌କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ପ୍ରତି ବ୍ଲକର ବିଡିଓଙ୍କ ତତ୍ତ୍ୱାବଧାନରେ ପୂର୍ବରୁ ତାଲିକାଭୁକ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜିଲା ସଦର ମହକୁମାକୁ ଅଣାଯାଇ ସଂସ୍କୃତି ଭବନରେ ଏକତ୍ରିତ କରାଯାଇଥିଲା। ସେମାନଙ୍କ ସହ ୫ଜଣ ଏସ୍କର୍ଟ ଅଧିକାରୀଙ୍କୁ ବସ୍‌ରେ ନିୟୋଜିତ କରାଯାଇଛି। ବାଲେଶ୍ୱରରେ ରାତ୍ର ରହଣି ପରେ ଶନିବାର ରେଳ ଯୋଗେ ୫ ଦିନିଆ ଭ୍ରମଣ ଆଗ୍ରା ଓ ମଥୁରା ଯିବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ବ୍ଲକ ଓ ମ୍ୟୁନିସିପାଲିଟିରୁ ୩୮, ବାସୁଦେବପୁର ବ୍ଲକ ଓ ମ୍ୟୁନିସିପାଲିଟିରୁ ୧୮, ଧାମନଗରରୁ ୨୪, ଚାନ୍ଦବାଲିରୁ ୧୪, ତିହିଡ଼ିରୁ ୧୩, ଭଣ୍ଡାରିପୋଖରୀରୁ ୯ ଓ ବନ୍ତରୁ ୩୦ଜଣ ବରିଷ୍ଠ ନାଗରିକ ଯାତ୍ରା କରିଛନ୍ତି। ଜିଲା ସଂସ୍କୃତି ଭବନରେ ତୀର୍ଥଯାତ୍ରୀଙ୍କ ପାଇଁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଓଲଙ୍ଗ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି ଓ ପୂର୍ବତନ ସରପଞ୍ଚ ଦେବୀଦତ୍ତା ମହାନ୍ତି ଯୋଗ ଦେଇଥିଲେ। ବିଭାଗୀୟ କର୍ମଚାରୀ ଲକ୍ଷ୍ମୀଧର ତ୍ରିପାଠୀ, ହେମନ୍ତ କୁମାର ପ୍ରଧାନ, ସ୍ୱାଗତିକା ସାହୁ, ଶ୍ୟାମସୁନ୍ଦର ଜେନା, ମିନତି ସିଂ, ଆଇଜାକ୍ ମହାନ୍ତି ପ୍ରମୁଖ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ।

### ଆନ୍ତର୍ଜାତିକ ହ୍ୱିଲଚେୟାର ଦିବସ

ଭଦ୍ରକ, ୧।୩ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ଏବଂ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆନ୍ତର୍ଜାତିକ ହ୍ୱିଲଚେୟାର ଦିବସ ପାଳନ କରାଯାଇଛି। ଚରମ୍ପା ଉଗ୍ରସେନ ଭବନଠାରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ, ଜିଲା ସଂଯୁକ୍ତ ଅଧିକାରୀ ଓ ସିଆର୍‌ଏସ୍‌ଆର୍ ସାଧାରଣ ସମ୍ପାଦକ ଭଗବାନ ପରିଡ଼ା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମ ସଶକ୍ତୀକରଣ ସକାଶେ ଆନ୍ତରିକ ପ୍ରେମ ହିଁ ମହାମନ୍ତ୍ର ବୋଲି କହିବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ସଙ୍ଗୀତଜ୍ଞ ଦିବ୍ୟାଙ୍ଗ ମାଧବାନନ୍ଦ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରୟାସ ଅନୁଷ୍ଠାନର ଶୁଭେନ୍ଦୁ ବିଶ୍ୱାଳଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ସଂଯୋଜକ ଜଳନ୍ଧର ମଣ୍ଡଳ ଧନ୍ୟବାଦ ଦେଇଥିଲେ। ସୁମନ ଜେନା, ଭିପ୍‌ସା ନାୟକ, ସସ୍ମିତା ରାଉତ, ବିଦୁଶଙ୍କର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସହର ରାସ୍ତାପାର୍ଶ୍ୱରୁ ହଟାଗଲା ଟ୍ରଲି ବ୍ୟବସାୟ


ପୋଲିସ ବ୍ୟବସାୟୀଙ୍କୁ ରାସ୍ତାପାର୍ଶ୍ୱରୁ ଟ୍ରଲି ହଟାଇବାକୁ କହୁଛି।

ଭଦ୍ରକ, ୧।୩ (ସନାତନ ରାଉତ)

ଭଦ୍ରକ ସହରର କଚେରି ବଜାରରେ ବେଆଇନ ଭାବେ ରାସ୍ତାକଡ଼ରେ ବହୁ ଟ୍ରଲିରେ ବ୍ୟବସାୟ ଚାଲିଥିବାରୁ ଟ୍ରାଫିକ ଜାମ୍ ଭଳି ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଏନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଅପର୍ତିବିନ୍ଧା ଛକ, କଚେରି ବଜାରଠାରୁ ବନ୍ତଛକ ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାପାର୍ଶ୍ୱରେ ଫଳ ଓ ପନିପରିବା ବିକ୍ରି କରୁଥିବା ଟ୍ରଲିଗୁଡ଼ିକୁ ହଟାଇ ଦିଆଯାଇଛି। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଟ୍ରଲି ହଟାଇବା ସହ ଶନିବାରଠାରୁ ରାସ୍ତାକଡ଼ରେ ବ୍ୟବସାୟ ନ କରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଇଛି।

# ୧୨ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା

ଧାମନଗର, ୧।୩ (ଦେବେନ୍ଦ୍ର ଆନ୍ଦିଆ)


କରଦା ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଶୁଭାରମ୍ଭ କରାଯାଉଛି।

ସରକାର ଗ୍ରାମାଞ୍ଚଳରେ ଆର୍ଥିକ ବିକାଶ ପାଇଁ ବ୍ୟାଙ୍କ ସେବା ଯୋଗାଇଦେବା ଲକ୍ଷ୍ୟରେ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଖୋଲିଛନ୍ତି। ଧାମନଗର ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଗୁରୁବାର ଉଦ୍‌ଘାଟିତ ହୋଇଛି। କରଦା ପଞ୍ଚାୟତ କାର୍ଯ୍ୟାଳୟରେ ଉଦ୍‌ଘାଟନୀ ଉତ୍ସବରେ ବିଡିଓ ବନବିହାରୀ ଦିଣ୍ଡା, ଷ୍ଟେଟବ୍ୟାଙ୍କ ଦୋବଲ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ସରପଞ୍ଚ ମମତା ଆଚାର୍ଯ୍ୟ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, କରଦା ଆମ ବ୍ୟାଙ୍କ ଶାଖା ପରିଚାଳକ ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କର ସଂଯୋଜନା କରିଥିଲେ। ସେହିପରି ମୁସ୍ତାଫାପୁର ପଞ୍ଚାୟତରେ ଏହି ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ସରପଞ୍ଚ ଜିସନାରା ବିବି, ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ଜେନା ଉପସ୍ଥିତ ଥିଲେ। ଖଡ଼ିପଦା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସରପଞ୍ଚ ସସ୍ମିତା ଘଡ଼ାଇ, ସମିତିସଭ୍ୟା ସ୍ୱର୍ଣ୍ଣଲତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର, ୧।୩ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ ୩ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ତାମ୍ପଳା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିର୍ମଳ କୁମାର ବେହେରା, ପଥରଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଖଗେଶ୍ୱର ଜେନା ଓ କାକୁଡିଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ପ୍ରସାଦ ବସନ୍ତିଆଙ୍କୁ ସେମାନଙ୍କର କାର୍ଯ୍ୟକାଳର ଶେଷଦିନରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଣ୍ଡଳ ଶିକ୍ଷାଧିକାରୀ ଗଦାଧର ଜେନା ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ।

# ‘ଗରିବଙ୍କ ହୃଦୟରେ ରହୁଥିଲେ ହୃଦାନନ୍ଦ’


ହୃଦାନନ୍ଦ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଅବସରରେ ଅତିଥିମାନେ।

ଧାମନଗର, ୧।୩ (ସନ୍ତୋଷ କୁମାର ମହାପାତ୍ର)

ଧାମନଗରର ପୂର୍ବତନ ବିଧାୟକସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କର ୩୪ତମ ଶ୍ରାଦ୍ଧୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ହସନାବାଦଠାରେ ସ୍ମୃତିସଭା ଅନୁଷ୍ଠିତ ହେବା ସହ ହୃଦାନନ୍ଦ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ହସନାବାଦ ପଞ୍ଚାୟତର ହୃଦାନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ହସନାବାଦ ଗୋପବନ୍ଧୁ ପାର୍କ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ସାମାଜିକ କର୍ମୀ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା, ଅନ୍ୟତମ ଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଏମ୍‌ପି ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟ ବିଜେଡି ଗଣମାଧ୍ୟମ ପ୍ରବକ୍ତା ତଥା ସ୍ୱର୍ଗତ ମଲ୍ଲିକଙ୍କ ନାତି ଅମିତ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଡା. ସଞ୍ଜୟ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ମଲ୍ଲିକ ତାଙ୍କ ଚିନ୍ତାଧାରା, କାର୍ଯ୍ୟଶୈଳୀ ଓ ଦକ୍ଷତା ବଳରେ ସବୁ ବର୍ଗର ଲୋକଙ୍କ ନିକଟତର ହୋଇପାରିଥିଲେ। ସେ ଗରିବଙ୍କ ହୃଦୟରେ ରହୁଥିଲେ ବୋଲି ଅତିଥିମାନେ କହିଥିଲେ। ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଭଦ୍ରକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାୟକ ସଞ୍ଜୀବ ମଲ୍ଲିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ମୁକ୍ତ ମଞ୍ଚ ନାଟକ ମହୋତ୍ସବ


ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୧।୩ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ସପ୍ତା ପ୍ରାଙ୍ଗଣରେ ୪ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମୁକ୍ତ ମଞ୍ଚ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଯୁବ ନାଟ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଓଡ଼ିଶାର ୪ ଜିଲାର ନାଟ୍ୟ ପରିଷଦ ଭାଗ ନେଇଥିଲେ। ଯାଜପୁରର ମା’ ରଟନ୍ତୀ କାଳୀ ନାଟ୍ୟକଳା, ବାଲେଶ୍ୱର ରାମେଶ୍ୱର ନାଟ୍ୟ ସଂସଦ, ଭୁବନେଶ୍ୱର ମା’ ଐଶନ୍ୟଚଣ୍ଡୀ ଲୋକନାଟ୍ୟ ଓ ଭଦ୍ରକର ମୁକୁନ୍ଦପୁର ପଞ୍ଚାୟତ ନାଟ୍ୟ ପରିଷଦ ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା। ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରତ୍ୟୁଷ ସାମଲ, ମୋହନ ରାୟ, ସୁବ୍ରତ ଦାସ, ଗୋଲକ ବେହେରା, ଅକ୍ଷୟ ତ୍ରିପାଠୀ, ଅନିଲ ଶତପଥୀ, ରଜନୀ ଚାନ୍ଦ, ପବିତ୍ର ପାଣିଗ୍ରାହୀ, ସଞ୍ଜୀବ ପରିଡ଼ା, ନାରାୟଣ ଚନ୍ଦ୍ର ପଣ୍ଡା, ବ୍ରଜକିଶୋର ନାୟକ, ନୀଳମଣି ବୋଇତେଇ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଭାଜପା ନେତା ବଦ୍ରି ନାରାୟଣ ଧଳ, ରାଜ୍ୟ ପରିଷଦ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଶ୍ରୀଧର ସ୍ୱାଇଁ, ସୁରେଶ ସାହୁ, ମନୋରଞ୍ଜନ ପରିଡ଼ା, ମନୋରଞ୍ଜନ ସାହୁ, ରସାନନ୍ଦ ବେହୁରିଆ, ତପସ୍ୱିନୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ସଭାପତି ସରୋଜ ନାୟକ, ବିଦ୍ୟାଧର ନାୟକ, ଭୋବନ ଚରଣ ଜେନା, ବାମନ ଚରଣ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ଶାରୀରିକ, ବୌଦ୍ଧିକ ବିକାଶ ଘଟାଏ କ୍ରୀଡ଼ା

ବାସୁଦେବପୁର, ୧।୩ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତର ବଡ଼କିଆରୀ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ମଳିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ଘଟାଇଥାଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଗଦାଧର ମଳିକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପରିଚାଳନା କମିଟି ସଭାପତି ବିଜୟାନନ୍ଦ ମଳିକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କୃଷ୍ଣଚନ୍ଦ୍ର ମଳିକ, ବିଜୟ କୁମାର ବେହେରା, ଆରତୀ ମହାପାତ୍ର, ମଞ୍ଜୁଲତା ନାୟକ, ଚନ୍ଦ୍ରଶେଖର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୃତକ, ଚାକିରିଆଙ୍କ ନାମରେ ଜବ୍‌କାର୍ଡ

ବାସୁଦେବପୁର, ୧।୩ (ନାରାୟଣ ପ୍ରସାଦ ବାରିକ୍)

**ପଞ୍ଚାୟତରେ ଦୁର୍ନୀତି ନେଇ କାର୍ଯ୍ୟାନୁଷ୍ଠାନ ଦାବି**



ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ତପନ ବାରିକ ଅଭିଯୋଗ ପତ୍ର ଦେଖାଉଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମୃତ ମହିଳା ଓ ଚାକିରିଆଙ୍କ ନାମରେ ଜବ୍‌କାର୍ଡ ପ୍ରସ୍ତୁତ ହୋଇ ଟଙ୍କା ହଡ଼ପ କରାଯାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ମୃତ ସାବିତ୍ରୀ ସାହୁ ବୋଲି ଶୁକ୍ରବାର ଅପରାହ୍ନରେ ମାଛହାଟରେ ସଚେତନ ନାଗରିକ କମିଟି ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ତପନ କୁମାର ବାରିକ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ସାବିଲ ମଙ୍ଗଳା ଠାକୁରାଣୀ ପୋଖରୀ ନ ଥାଇ ତୁଠ ନିର୍ମାଣରେ ଆର୍ଥିକ ହେରଫେର କରିଥିବା ପିଇଓ, ଗାଁ ସାଥି, ଜିଆର୍‌ଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଘଣ୍ଟ ଘୋଡ଼ାଯାଉଛି। ମୃତ ବ୍ୟକ୍ତିଙ୍କ ନାମରେ ଏକାଧିକବାର ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ଉଠା ଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ଅଣାଯାଇଛି। ସନାତନ ମଳିକ ନାମକ ମୃତ ବ୍ୟକ୍ତିଙ୍କ ନାମରେ ଦୁଇଥର ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ଉଠାଣ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି, ନୂତନ କରି ଗଠିତ ପଞ୍ଚାୟତ ସମବାୟ ସମିତି ଗଠନରେ ଜାଲିଆତି, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ବହୁ ପୁରାତନ ନଳକୂପକୁ ବୋରିଂ ଦେଖାଇ ଟଙ୍କା ଉଠାଣ ହେବା ସହ ପାଇପ୍ ଯୋଗାଣରେ ଅନିୟମିତତା ହୋଇଛି। ଏଭଳି ଦୁର୍ନୀତି କରି ଅର୍ଥ ଆତ୍ମସାତ୍ କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ସେ ଦାବି କରିଛନ୍ତି। ସାମାଜିକ କର୍ମୀ ଶଙ୍କର୍ଷଣ ନାୟକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଗଳିତ ମୃତଦେହ ଜବତ

ଘସିପୁରା,(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ସାଇଁକୁଳ ଫାଣ୍ଡି ଅନ୍ତର୍ଗତ ବେଲବାହାଳିର ପୁରୁଣା କୁଶେଇ ସେତୁ ନିକଟ ଜଙ୍ଗଲରେ ଥିବା ଶନି ମନ୍ଦିରର ଅନତି ଦୂର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଗଳିତ ମୃତଦେହ ଜବତ ହୋଇଛି। ମୃତକଙ୍କ ପକେଟରୁ ୬୨୦ ଟଙ୍କା ବାହାରିଥିବାବେଳେ ପରିଚୟ ଅଦ୍ୟାବଧି ମିଳିପାରି ନାହିଁ। ମୃତଦେହର ପାରିପାର୍ଶ୍ୱିକ ଅବସ୍ଥା ଦେଖିଲେ ଏହା ମାସେ ତଳର ବୋଲି ଅନୁମାନ କରାଯାଉଛି।

**କେନ୍ଦୁଝର**

**ସଂକ୍ଷେପରେ**

### ଖବର ଗୁଜବ, ଶୀଘ୍ର କାରଖାନା ଚାଲିବ: ନିର୍ଦ୍ଦେଶକ ଆରଡେଣ୍ଟ ଷ୍ଟିଲ ମାଲିକାନା ସ୍ୱତ୍ୱ ବଦଳିବା ଘଟଣା

କେନ୍ଦୁଝର,୧।୩(ଦୀପକ ମିଶ୍ର): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଫୁଲଝରସ୍ଥିତ ଆରଡେଣ୍ଟ ଷ୍ଟିଲ କାରଖାନା ମାଲିକାନା ସ୍ୱତ୍ୱ ବଦଳିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଏହା ଗୁଜବ ବୋଲି ଆରଡେଣ୍ଟ ଷ୍ଟିଲ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଡ. ସୁବାଶିଷ ଦାସ କହିଛନ୍ତି। ଗୁରୁବାର ସୋସିଆଲ ମିଡିଆରେ ଏହି କାରଖାନାକୁ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍‌କୁ ମାଲିକାନା ଯାଉଥିବା ନେଇ ଭାଇରାଲ ହୋଇଥିଲା। ନିର୍ଦ୍ଦେଶକ ଦାସ ଗଣମାଧ୍ୟମକୁ ସୂଚନା ଦେଇ ଏହାକୁ ଖଣ୍ଡନ କରିବା ସହ ଏଭଳି ପ୍ରଚାରରେ କୌଣସି ସତ୍ୟତା ନାହିଁ। ବଜାରରେ ମାନ୍ଦାବସ୍ଥା ଏବଂ ଆଇରନ ଓର ଫାଇନ୍ସ ଦର ବଢ଼ିବା କାରଣରୁ କମ୍ପାନୀ ତରଫରୁ ବାର୍ଷିକ ସଟ୍‌ଡାଉନ କରାଯାଇଛି। ଶୀଘ୍ର କାରଖାନା ପୂର୍ଣ୍ଣକ୍ଷମତାରେ ଚାଲିବ ବୋଲି କମ୍ପାନୀ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରକ୍ ମାଲିକଙ୍କ ବିକ୍ଷୋଭ

## ନୂଆ ରେଳ ଲାଇନ୍‌କୁ ବିରୋଧ

କେନ୍ଦୁଝର,୧।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଟୀସ୍ଥିତ ଓଡ଼ିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ଗୁହାଳଡିହୀ ରେଳ ଷ୍ଟେଶନ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ଲାଇନ୍ ନିର୍ମାଣକୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହି ଲାଇନ୍ ହେଲେ ଟ୍ରକ୍ ବଦଳରେ ଟ୍ରେନ୍‌ରେ ଲୁହାପଥର ପରିବହନ ହେବ। ଫଳରେ ଟ୍ରକ୍ ଉପରେ ନିର୍ଭରଶୀଳ ଅନେକ ହଜାର ମାଲିକ ଏବଂ ଟ୍ରକ୍ ବ୍ୟବସାୟ ଉପରେ ନିର୍ଭରଶୀଳ ଲକ୍ଷାଧିକ ପରିବାର ଜୀବିକା ହରାଇବେ। ଏହାକୁ ବନ୍ଦ କରିବାକୁ ଦାବି କରି ଶୁକ୍ରବାର ଶତାଧିକ ଟ୍ରକ ମାଲିକ କେନ୍ଦୁଝର ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ନିକଟରୁ ଏକ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ ବାତିଲ କରିବାକୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ, କେନ୍ଦ୍ର ରେଳ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ୫-ଟି




ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାରେ ଅନେକ ହଜାର ଶିକ୍ଷିତ ବେକାରଙ୍କ ପାଇଁ ଟ୍ରକ୍ ବ୍ୟବସାୟ ରୋଜଗାରର ମାଧ୍ୟମ ହୋଇଛି। ମାତ୍ର ରେଳ ମନ୍ତ୍ରଣାଳୟର ଏଭଳି ନିଷ୍ପତ୍ତି ଟ୍ରକ୍ ବ୍ୟବସାୟ ଠପ୍ କରିଦେବ। ଯାତ୍ରୀ ସେବା ନୁହେଁ, ଜିଲାରେ ଥିବା ଲୁହାପଥରକୁ ଶେଷ କରିବା ପାଇଁ ଚକ୍ରାନ୍ତର ମାଷ୍ଟର ପ୍ଲାନ ସଫଳ ହେବାକୁ ଯାଉଛି ବୋଲି ଟ୍ରକ୍ ମାଲିକ ସୂର୍ଯ୍ୟନାରାୟଣ କର ପ୍ରକାଶ କରିଛନ୍ତି। ରେଲୱେରେ ୨୦୨୩-୨୪ ବର୍ଷରେ ଓଡ଼ିଶା ଖଣି ନିଗମ ପରିଚାଳିତ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ରେଲୱେ ସାଇଡିଂକୁ ୧୨.୬ କିଲୋମିଟର ରେଳପଥ ପାଇଁ ୨୦କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରାଯାଇଥିଲା। ଚଳିତ ବଜେଟ ଅର୍ଥାତ ୨୦୨୪-୨୫ରେ ଆଉ ୨୦କୋଟି ମଞ୍ଜୁର ହୋଇଛି। ଗନ୍ଧମାର୍ଦ୍ଦନ ଲୌହ ଖଣିରେ ଏବେ ଟ୍ରକ୍ ମାଧ୍ୟମରେ ଲୁହାପଥର ପରିବହନ କରାଯାଉଛି। ଏହାଦ୍ୱାରା ଟ୍ରକ୍ ବ୍ୟବସାୟ ଜଡିତ ଲୋକଙ୍କ ସହ ଆନୁସଙ୍ଗିକ ବ୍ୟବସାୟ କରି ଲକ୍ଷାଧିକ ଲୋକେ ଜୀବନନିର୍ବାହ କରିପାରୁଛନ୍ତି। ରେଳଲାଇନ ଶେଷ ହେଲେ ଟ୍ରକ ବ୍ୟବସାୟ ସମ୍ପୂର୍ଣ୍ଣ ଠପ ହୋଇଯିବାର ସମ୍ଭାବନା ରହିଛି। କେବଳ ବ୍ୟବସାୟ ଓ ମୁନାଫା ପାଇଁ ବିଭିନ୍ନ ପଦକ୍ଷେପ ରେଲୱେ ନେଉଥିବା ବେଳେ ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହୋଇଛି। ରମାକାନ୍ତ ନାୟକ, ରାମଚନ୍ଦ୍ର ଭୂୟାଁ, ଦିଲ୍ଲୀପ ପଣ୍ଡା, ଅୟସକାନ୍ତ ପଟ୍ଟନାୟକ, ପଦ୍ମଲୋଚନ ସାହୁ, ନିଶିତ ରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଶାନ୍ତ ସାହୁ, ଅଭିନାଶ ଲୋହାନୀ, ପ୍ରଭାତ ରାଉତ, ମାନସ ରଞ୍ଜନ ସାହୁ, ଅଜୟ ମିଶ୍ର, ଲକ୍ଷ୍ମଣ ସେଠୀଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ସାମିଲ ଥିଲେ।

## ମେଗା ଷ୍ଟିଲପ୍ଲାଣ୍ଟ ନିର୍ମାଣ ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

କେନ୍ଦୁଝର,୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଜିଲାରେ ଉନ୍ନତ ମାନର ଲୁହାପଥର ଓ ମାଙ୍ଗାନିଜ ଭରପୁର ରହିଛି। ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଇ ବିଭିନ୍ନ ସ୍ଥାନମାନଙ୍କୁ ଟ୍ରକ୍ ଓ ଟ୍ରେନ୍ ଯୋଗେ ପଠାଯାଉଛି। ତେବେ ଏଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେଲେ ଅନେକ ଲୋକ ଉପକୃତ ହୋଇପାରିବେ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି। ଏ ନେଇ ଜିଲାକୁ ପ୍ରଥମଥର ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଞ୍ଚ ପକ୍ଷରୁ ଭେଟି ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ରଞ୍ଜନ ବେହେରା, ଉପସଭାପତି ଜୟକୃଷ୍ଣ ନାଏକ, ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା ଓ ସଦସ୍ୟ ରାଷ୍ଟ୍ରପତିଙ୍କୁ ଭେଟି ଜିଲାର ବେକାରୀ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ବାହାରକୁ ଦାଦନ ଯିବାକୁ ପଡ଼ିବ ନାହିଁ। ବର୍ତ୍ତମାନ ସମୟରେ ସମସ୍ତ କାର୍ଯ୍ୟ ଯନ୍ତ୍ର ସାହାର୍ଯ୍ୟରେ କରାଯିବା ସହିତ ଟ୍ରକ୍ ବଦଳରେ ପାଇପ, ରେଳପଥ ଓ ଟ୍ରଲର ମାଧ୍ୟମରେ ବିଭିନ୍ନ ଶିଳ୍ପ ସଂସ୍ଥା ଓ ବନ୍ଦରମାନଙ୍କୁ କଞ୍ଚା ମାଲ ପଠାଯାଉଛି। ଜିଲାବାସୀ ଏଥିରୁ କିଛି ଲାଭ ପାଉନାହାନ୍ତି। କେବଳ ଧୂଳି ଧୂଆଁ ପ୍ରଦୂଷଣ, ଦୁର୍ଘଟଣା, ରୋଗବ୍ୟାଧି ଆଦିର ଶିକାର ହୋଇ ଯନ୍ତ୍ରଣା ଜୀବନ କାଟୁଛନ୍ତି। ତେଣୁ ଖଣିଜ ଦ୍ରବ୍ୟର ସୁବିନିଯୋଗ ପାଇଁ ଟାଟା, ସେଲ କିମ୍ବା ଓଏମସି ଭଳି ସରକାରୀ ତଥା ରାଷ୍ଟ୍ରାୟତ କମ୍ପାନୀ ଜରିଆରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ, ଉପଯୁକ୍ତ ମାନବ ସମ୍ବଳ ବିକାଶ ପାଇଁ ଜିଲାରେ ଆଇଆଇଟି ସ୍ଥାପନ କରି ଏଥିରେ ଆଇଏସମ ସ୍ଥାନିତ କରିବା, ପୁରୁଣା ରୁଟ୍‌ରେ ଚାଲୁଥିବା କିଛି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇ ନୂଆଦିଲ୍ଲୀ, ଗୌହାଟୀ, ଚଣ୍ଡୀଗଡ଼ ଆଦି ସହର ସହିତ ସଂଯୋଗ ଓ ନୂଆ ଟ୍ରେନ୍ ଦୈନିକ ଚଳାଚଳ ବ୍ୟବସ୍ଥା କରି କେନ୍ଦୁଝର ସହିତ କୋଲକାତା, ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, ଅଯୋଧ୍ୟା ଆଦି ମହାନଗରୀକୁ ସଂଯୋଗ ଦାବି ରହିଛି। ଏଥିସହ ଏକ ସୁପର ସେସ୍ପାଲିଷ୍ଟ ଡାକ୍ତରଖାନା କିମ୍ବା ଇଏସ୍‌ଆଇ ହସ୍ପିଟାଲ ସହିତ ଟ୍ରୋମା କେୟାର ସେଣ୍ଟର୍ ସ୍ଥାପନ କରାଗଲେ ମୟୂରଭଞ୍ଜ, ଅନୁଗୁଳ, ସୁନ୍ଦରଗଡ଼, ଦେବଗଡ଼ ସହିତ ଓ ଝାଡ଼ଖଣ୍ଡ ରାଜ୍ୟର ଲୋକେ ଉପକୃତ ହେବେ ବୋଲି ଜଣାଇଛନ୍ତି।

### ଅମରେନ୍ଦ୍ର ଆନନ୍ଦପୁର ଛାତ୍ର ବିଜେଡି ସଂଯୋଜକ

ହାଟଡ଼ିହି,୧।୩(ପାର୍ଥ ସୌରଭ ସା/ଶୁଭକାନ୍ତ ନାୟକ): ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଛାତ୍ର ଜନତା ଦଳର ସଂଯୋଜକ ଭାବେ ଅମରେନ୍ଦ୍ର ଧଳଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିବା ନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ଏକ ପ୍ରେସ ରିଲିଜ ଜରିଆରେ ଘୋଷଣା କରିଛନ୍ତି। ଅମରେନ୍ଦ୍ର ପୂର୍ବରୁ ରାଜ୍ୟ ବିଜେଡିର ସାଧାରଣ ସମ୍ପାଦକ ଥିବା ବେଳେ କଳିଗାଁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏନେଇ ସେ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସଂଗଠନ ସମ୍ପାଦକ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପାଟଣାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି

ପାଟଣା,୧।୩(ବିର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଟଣା ମୁଖ୍ୟାଳୟକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବି ହୋଇଛି। ଏ ନେଇ ଶୁକ୍ରବାର ପାଟଣା ଅଞ୍ଚଳବାସୀଙ୍କ ତରଫରୁ ଏକ ବୁଦ୍ଧିଜୀବୀ ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଟଣା ତହସିଲଦାର ଲିଳାବତୀ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପାଟଣା ମୁଖ୍ୟାଳୟ ବଡ଼ ପାଟଣା ପଞ୍ଚାୟତ ଅଞ୍ଚଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ଦର୍ଶାଯାଇଛି। ଅନ୍ୟାନ୍ୟ ଦାବି ଗୁଡ଼ିକ ମଧ୍ୟରେ ପାଟଣା ମୁଖ୍ୟାଳୟରେ ସବ୍ ଟ୍ରେଜେରୀ, ସବ୍ ରେଜିଷ୍ଟ୍ରାର ଓ ବିଚାରବିଭାଗୀୟ କୋର୍ଟ ଆଦି ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ଦାବିପତ୍ର ପ୍ରଦାନ ବେଳେ ତାହସିଦାରଙ୍କ ସହ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଉପସ୍ଥିତି ଥିଲେ। ପ୍ରତିନିଧି ମଣ୍ଡଳୀରେ ପାଟଣା ବ୍ଲକ୍ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଇଂ.ବିଦ୍ୟାଧର ଦାଶ, ସାମଜିକକର୍ମୀ ଅଜୟ ଦାଶ, କଂଗ୍ରେସ ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାୟକ, କଂଗ୍ରେସ ନେତା କୈଳାଶ ଚନ୍ଦ୍ର ବାରିକ, ଲକ୍ଷ୍ମଣ ଦାଶ, ଶଙ୍କର୍ଷଣ ସାହୁ, ସାମାଜିକ କର୍ମୀ ବାଇଧର ସାହୁ, ପ୍ରକାଶ ସେଠୀ, ସହଦେବ ବେହେରା, ନେପାଳ ଚନ୍ଦ୍ର ପୃଷ୍ଟି, ଅଜୟ ବେହେରା, ବିଜେଡି ନେତା ପ୍ରମୋଦ ଭଞ୍ଜ, ଭାଜପା ନେତା ଦୁର୍ଗାଚରଣ ନାଏକ, ମଙ୍ଗଲୁ ବାରିକ୍ ପ୍ରମୁଖ ସାମିଲ ହୋଇଥିଲେ।

## ଜଙ୍ଗଲ ନିଆଁ ନିରାକରଣ ସଚେତନତା

ଚମ୍ପୁଆ,୧।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ନଗର ଭବନଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ରେଞ୍ଜ ଅଧୀନରେ ଥିବା ୫ ସେକ୍ସନ ଓ ୧୫ ବିଟ୍‌ର କର୍ମଚାରୀ, ଭିଏସ୍‌ଏସ୍ ମେମ୍ବର, ସରପଞ୍ଚଙ୍କ ସମେତ ୨୨ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ। ଚମ୍ପୁଆ ଏସ୍‌ସିଏଫ୍ ତଥା ରେଞ୍ଜର ଅକ୍ଷୟ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥିଭାବେ ରଜିଆ ସରପଞ୍ଚ ସନ୍ତୋଷ ନାଏକ, କଦଗଡ଼ିଆ ସରପଞ୍ଚ




ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ।

ମଞ୍ଜୁଲତା ନାଏକ, ସୁନାପୋଷି ସରପଞ୍ଚ ସଞ୍ଜିତା ଚାତାର ଓ ଜାମୁଦଲକ ସରପଞ୍ଚ ଅଞ୍ଜନ ଓରାମ, ରଙ୍ଗାମାଟିଆ ସରପଞ୍ଚ ମାଧୁରୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନ୍‌ର ସୁବ୍ରତ ବିଶ୍ୱାଳ ଯୋଗଦେଇ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ଏବଂ ଜନସାଧାରଣଙ୍କର ଏହା ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଜଙ୍ଗଲ ନିଆଁ ଦ୍ୱାରା ବିଭିନ୍ନ ଔଷଧୀୟ ଗୁଳ୍ମ, ବନ୍ୟପ୍ରାଣୀ ବିପଦରେ ପଡୁଛନ୍ତି। ଏହାର ନିରାକାରଣ ପାଇଁ ପ୍ରାଥମିକତା ଦେବା ସହିତ ଶୂନ୍ୟ ଜଙ୍ଗଲ ନିଆଁ ପାଇଁ ପଦକ୍ଷେପ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଅପହଞ୍ଚ ଇଲାକାରେ ଗ୍ରାମ୍ୟ ଜଙ୍ଗଲ କମିଟି ଏହାର ଦାୟିତ୍ୱ ସୁଚାର ରୂପେ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସହାୟତା ଲୋଡ଼ା ଯିବା ସହ ପୁରସ୍କାର ପ୍ରଦାନ କରାଯିବ। ଏବଂ ଭିଏସଏସ୍ ଅଧୀନରେ ରହିଥିବା ଜଙ୍ଗଲ ଗୁଡ଼ିକରେ ନିଆଁ ଶୂନ୍ୟ ହେଲେ ତାଙ୍କୁ ମଧ୍ୟ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା।

**ମୟୂରଭଞ୍ଜ**

### ନିଖୋଜ ଶ୍ରମିକଙ୍କ ପତ୍ତା ମିଳୁନାହିଁ

ଗୋପବନ୍ଧୁ ନଗର,୧।୩(ଶାନ୍ତନୁ କୁମାର ମଣ୍ଡୁଆଳ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ମାମୁଡ଼ିଆ ଗ୍ରାମର ମଙ୍ଗଳ ସିଂଙ୍କ ପୁଅ ଲକ୍ଷ୍ମୀଧର (୨୯) କାମ କରିବା ପାଇଁ ଭୁବନେଶ୍ୱରର ପଟିଆ ଅଞ୍ଚଳକୁ ଯାଇ ୩ ମାସ ହେଲା ନିଖୋଜ ହୋଇଯାଇଛନ୍ତି। ତାଙ୍କ ଫେରିବା ବାଟକୁ ସ୍ତ୍ରୀ ବିଷ୍ଣୁପ୍ରିୟା ଚାହିଁ ରହିଥିବା ବେଳେ ଲକ୍ଷ୍ମୀଧରଙ୍କ ପତ୍ତା ମିଳୁନାହିଁ। ବର୍ଷକ ତଳେ ସେ କାମ କରିବା ପାଇଁ ଭୁବନେଶ୍ୱର ଯାଇଥିଲେ। ଯୋଗାଯୋଗ ସମ୍ଭବ ନ ହୋଇପାରିବାରୁ ଗତ ନଭେମ୍ବର ମାସ ୨୭ ତାରିଖରେ ଲକ୍ଷ୍ମୀଧର ନିଖୋଜ ହୋଇ ଯାଇଥିବା ନେଇ ବିଷ୍ଣୁପ୍ରିୟା ଖୁଣ୍ଟା ଥାନାରେ ଜଣାଇଥିଲେ। ପରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ ଲକ୍ଷ୍ମୀଧର। ତାଙ୍କ ରୋଜଗାରରେ ପରିବାର ଚଳୁଥିଲା। ସେ ନିଖୋଜ ହେବା ପରେ ପରିବାର ଲୋକେ ଅସହାୟ ହୋଇ ପଡ଼ିଛନ୍ତି।

# ଟଙ୍କା ନେଲେ ଘର କଲେନି

ବାରିପଦା,୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ନ୍ୟାୟ ଅପେକ୍ଷାରେ ଅସହାୟ ବୃଦ୍ଧା
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ହିତାଧିକାରୀଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍କାଗୃହ ଯୋଜନା ପ୍ରଣୟନ କରାଯାଉଛି। ମାତ୍ର ଏହି ଯୋଜନା ବାଟମାରଣା କରାଯାଇ ହିତାଧିକାରୀଙ୍କ ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ହିତାଧିକାରୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶାଳଚୁଆ ପଞ୍ଚାୟତ ବିଦ୍ୟାଧରନଗର ପଠାଣପକା ସାହିର ଅସହାୟ ବୃଦ୍ଧା ନାନିକା ସମୁରାଇ(୭୪)ଙ୍କ କ୍ଷେତ୍ରରେ।

କୋହ୍ଲ ସମ୍ପ୍ରଦାୟର ନାନିକା ବୟସର ଅପରାହ୍ନରେ ଜଙ୍ଗଲରୁ ପତ୍ରତୋଳି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ୨୦ବର୍ଷ ପୂର୍ବେ ସ୍ୱାମୀ ଶୁକୁଲାଲଙ୍କ ଦେହାନ୍ତ ପରେ ୩ ପୁଅ ତାଙ୍କଠାରୁ ଦୁରେଇ ଗଲେ। ନୁଆଁଣିଆ ଚାଳଛପର ଘରେ ଏକୁଟିଆ ରହୁଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିଲେ। ପକ୍କାଘର ଆରମ୍ଭ କରିବା ପାଇଁ ୨୦୨୩ ଜୁଲାଇ ୫ରେ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଥିଲା। ବ୍ୟାଙ୍କ ପାସ୍ ବହି ଯାଞ୍ଚ କରିବା ଆଳରେ ଚଞ୍ଚକତା କରି ସେହି ଗ୍ରାମର ଜଣେ ଯୁବକ ୨୦୨୩ ଜୁଲାଇ ୧୦ରେ ନାନିକା ଓ ତାଙ୍କ ସାନପୁଅ ଘନ ସମରାଇଙ୍କୁ ନେଇ ବ୍ୟାଙ୍କରୁ ୮୦ହଜାର ଟଙ୍କା ନିଜ ଆକାଉଣ୍ଟକୁ ପଠାଇଥିଲେ। ଘର ନିର୍ମାଣ ପାଇଁ ସ୍ୱଳ୍ପ ସାମଗ୍ରୀ ପକାଇଥିଲେ ହେଁ କାର୍ଯ୍ୟ ଆରମ୍ଭ କରି ନ ଥିଲେ। ତେବେ ଠକାମୀର ଶିକାର ହେବା ଜାଣି ନାନିକା କପ୍ତିପଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଟଙ୍କା ଉଠାଣ କରିଥିବା ଯୁବକଙ୍କୁ ଆଣି ଥାନାରେ ପଚରାଉଚୁରା କରିଥିଲା। ଯୁବକ ଜଣକ ଫେବୃଆରୀ ୧୦ତାରିଖ ସୁଦ୍ଧା ଗୃହ ନିର୍ମାଣ ପାଇଁ ପଡ଼ିଥିବା ସାମଗ୍ରୀ ବାବଦରେ ୧୩ହଜାର ୫ଶହ ଟଙ୍କା କାଟି ଅବଶିଷ୍ଟ ଟଙ୍କା ପୈଠ କରିବାକୁ ଥାନାରେ



ଚାଳଛପର ଘର ସମ୍ମୁଖରେ ଅସହାୟ ବୃଦ୍ଧା ନାନିକା ସମୁରାଇ।

ଲିଖିତ ରାଜିନାମା କରିଥିଲେ । ମାତ୍ର ସମୟ ଅତିକ୍ରାନ୍ତ ହେବା ପରେ ମଧ ଯୁବକ ଜଣକ ଟଙ୍କା ଫେରସ୍ତ ନ କରିବାରୁ ନାନିକା ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପୋଲିସ ହାତଲେଖା ଖଣ୍ଡେ ରଖି ଚୁପ୍ ବସିଛି। ବୃଦ୍ଧା ଜଣକ ନ୍ୟାୟ ପାଇବା ଆଶାରେ ଖର୍ଚ୍ଚାନ୍ତ ହୋଇ ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଦୌଡ଼ିବାରେ ଲାଗିଛନ୍ତି। ଏଭଳି ପରିସ୍ଥିତିରେ ହିତାଧିକାରୀଙ୍କ ଟଙ୍କା ଫେରିପାଇବା ଓ ଘର ନିର୍ମାଣ ହେବା ସ୍ୱପ୍ନରେ ପରିଣତ ହୋଇଛି। ଆଦିବାସୀ ଅଧ୍ୟୁଷିତ ଜିଲାରେ ୬୦ପ୍ରତିଶତ ଜନଜାତିର ଲୋକେ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ସାନ୍ତାଳ, କୋହ୍ଲ, ମାଙ୍କିଡିଆ, ଖଡିଆ ପ୍ରଜାତିର ଜନଜାତିକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ମାତ୍ର ଶିକ୍ଷାର ଅଭାବ ଯୋଗୁ ବହୁ ଆଦିବାସୀ ଜନଜାତିର ଲୋକେ ଠକାମୀର ଶିକାର ହେଉଛନ୍ତି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅସହାୟ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଦାୟିତ୍ୱ ଗ୍ରହଣ କଲେ ନୂଆ ଜିଲାପାଳ



ନୂଆ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ।

ବାରିପଦା,୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ନୂତନ ଜିଲାପାଳ ଭାବେ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଶୁକ୍ରବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଜଣେ ଦକ୍ଷ ପ୍ରଶାସକ ଭାବେ ପରିଚିତ ଶିନ୍ଦେ ମୟୂରଭଞ୍ଜ ଜିଲାର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି ଜିଲାବାସୀ ଆଶା ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଦୁର୍ଗା ଚରଣ ମୁର୍ମୁ, ଶୁଭଙ୍କରୀ ସୁଦେଷ୍ଣା ଦାଶ, ସୁଶ୍ରୀ ଶ୍ରଦ୍ଧା ସୁମନ, ଅନିଲ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ରହି ନୂଆ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପ୍ରକାଶ ଥାଉକି, ଶିନ୍ଦେ ପୂର୍ବରୁ ବାଲେଶ୍ୱର ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ମୟୂରଭଞ୍ଜର ପୂର୍ବତନ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ବାଲେଶ୍ୱର ଜିଲାପାଳ ଭାବେ ବଦଳି କରାଯାଇଛି।

## ବେତନଟୀ, ବୈଶିଙ୍ଗା କଲେଜ ଶ୍ରେଣୀ ଗୃହ ଉଦ୍‌ଘାଟିତ

ବେତନଟୀ(ଧରଣୀଧର ମହାନ୍ତି)/ବୈଶିଙ୍ଗା(ରତନ ଦାଶ),୧।୩

ବେତନଟୀ ମହାବିଦ୍ୟାଳୟର ଯୁକ୍ତ+୩ ଶ୍ରେଣୀ ଗୃହ ଶୁକ୍ରବାର ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ମହାବିଦ୍ୟାଳୟରେ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ସମସ୍ୟା ସୃଷ୍ଟି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବିଧାୟକ ତାଙ୍କ ହାତ ପାଣ୍ଠିରୁ +୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହ ପାଇଁ ମୋଟ ୩୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଚର୍ତୁପାର୍ଶ୍ୱରେ କଂକ୍ରିଟ ରୋଡ୍ ପାଇଁ ୩୫ ଲକ୍ଷ ଓ ଉଜ୍ଜ୍ୱଳ ଆଲୋକ ପାଇଁ ୫ ଲକ୍ଷ ଟଙ୍କା ଦିଆଯିବ ବୋଲି ବିଧାୟକ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ।

ସେହିପରି ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ପରିସରରେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ସମ୍ମିଳନୀ କକ୍ଷ, ଶ୍ରେଣୀଗୃହ ଓ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ବଡ଼ସାହି ବିଧାୟକ ସନାତନ ବିଜୁଳି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ବଣିକ ସଂଘ ସଭାପତି ସୁଦର୍ଶନ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ପଣ୍ଡା, ଅମୂଲ୍ୟ ପାଣିଗ୍ରାହୀ, ଉତ୍ସର୍ଗ ବେହେରା, ଶାନ୍ତନୁ ପଣ୍ଡା, ଶାନ୍ତନୁ ଦଳେଇ, କେନ୍ଦୁଆ ସରପଞ୍ଚ ମନମୋହନ ମାଝି, ଗୋପାଳ ମାଝି, ରମେଶ ମାଝି, ଖଗେନ୍ଦ୍ର ସାହୁ, କୁନା ମହାନ୍ତ, ହିମାଂଶୁ କବାଟ, ସଞ୍ଜୟ ବେହେରା, ଦେବରଞ୍ଜନ ସାହୁଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶବ ବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ

ବେତନଟୀ,୧।୩(ଧରଣୀଧର ମହାନ୍ତି)

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହ ଶୁକ୍ରବାର ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ୨୦ ବର୍ଷ ହେଲା ଲୋକେ ଶବ ବ୍ୟବଚ୍ଛେଦ ଗୃହ ପାଇଁ ଦାବି କରି ଆସୁଥିଲା ବେଳେ ବିଧାୟକଙ୍କ ଉଦ୍ୟମ ଯୋଗୁ ଏହା ସଫଳ ହୋଇପାରିଥିବାରୁ ଅଞ୍ଚଳବାସୀବାସୀ ଖୁସି ବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ବାରିପଦାରେ ଥିବା ଗୋଟିଏ ଶବ ବ୍ୟବଚ୍ଛେଦ ଗୃହ ଉପରେ ବାରିପଦା ଉପଖଣ୍ଡ ଅଧୀନ ୧୦ଟି ବ୍ଲକର ଲୋକ ନିର୍ଭର କରୁଥିଲେ। ବେତନଟୀ ଓ ବଡ଼ସାହି ବ୍ଲକ ଅଧୀନରେ ବେତନଟୀ, ବଡ଼ସାହି ଓ ବୈଶିଙ୍ଗା ଥାନା ଅଞ୍ଚଳ ରହିଛି। ଏହି ଥାନା ଅଞ୍ଚଳରୁ ପ୍ରାୟ ୩୦ରୁ ୫୦ କି.ମି. ଦୂରରୁ ଗରିବ ଲୋକେ ମଧ ୪ରୁ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସନାତନ ବିଜୁଳି ଓ ଅନ୍ୟମାନେ।

୫ ହଜାର ଟଙ୍କା ଖର୍ଚ୍ଚ କରି ବାରିପଦାକୁ ଶବ ବ୍ୟବଚ୍ଛେଦ କରିବା ପାଇଁ ନେଉଛନ୍ତି। କେତେକ ସମୟରେ ବ୍ୟବଚ୍ଛେଦ ପାଇଁ ଖର୍ଚ୍ଚ ବହୁଳ ଓ ଦୂରତା ପାଇଁ ଡାକ୍ତରଖାନା ପରିସରରେ ୨ ଦିନ ଧରି ଶବ ପଡ଼ିରହୁଛି। ୨୦୧୨ରେ ବ୍ଲକ ପ୍ରଶାସନ ବେତନଟୀ ଡାକ୍ତରଖାନାଠାରୁ ୨ କି.ମି ଦୂରରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିଥିଲା। ତେବେ ନିର୍ଜନ ସ୍ଥାନରେ ଏହି ଗୃହ ନିର୍ମାଣ କରାଯାଇଥିବାରୁ ଡାକ୍ତରମାନେ ଶବ ବ୍ୟବଚ୍ଛେଦ କରିବାକୁ ରାଜି ନ ହେବାରୁ ଏହି ଗୃହ ଭୂତ କୋଠରୀରେ ପରିଣତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ବିଜୁଳି ତାଙ୍କ ହାତପାଣ୍ଠିରୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ଡାକ୍ତରଖାନା ପରିସରରେ ନୂଆ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ହୋଇଛି।

## ରୋଗୀ କଲ୍ୟାଣ ସମିତି ବୈଠକ

**ବେତନଟୀ ଡାକ୍ତରଖାନା**

ବେତନଟୀ,୧।୩(ଧରଣୀଧର ମହାନ୍ତି)

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ରୋଗୀ କଲ୍ୟାଣ ସମିତିର ସମ୍ପାଦକ ତଥା ଚିକିତ୍ସା ଅଧିକାରୀ ସିପୁନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତିର ଅଧ୍ୟକ୍ଷ ବିଧାୟକ ସନାତନ ବିଜୁଳି ଓ ଉପାଧ୍ୟକ୍ଷ ବିଡିଓ ଅମୃତ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିପିଏମ୍ ସସ୍ମିତା ଦାସ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଆଗାମୀ ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକୀୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରସ୍ତାବମାନ ଦିଆଯାଇଥିଲା। ସମିତି ସଦସ୍ୟ ଛତୀଶ ପାତ୍ର, ଚୂଡ଼ାମଣି ମହାପାତ୍ର, ରାଜେଶ ନାୟକ, ଡା.ରାଜଶ୍ରୀ ସାହୁ, ସହକାରୀ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ସେନାପତି, ବିପିଏମ୍ ମଧୁସ୍ମିତା ଦାସ, ଏନ୍‌ଏଚମ୍ ଜେଇ ମଧୁସ୍ମିତା ଦଣ୍ଡପାଟ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲକ୍ଷ୍ମୀପ୍ରିୟା ବିନ୍ଧାଣୀ,ସଜୁଶ୍ରୀ ଦାସ,ଶକ୍ତି ରଞ୍ଜନ ମହାନ୍ତି, ଅମିତାଭ ଦାସ, ଉର୍ମିଳା ଦଳେଇ, ସ୍ନେହଲତା ସାହୁ, ମନ୍ମଥ ମହାନ୍ତ, ସନ୍ତୋଷ କୁମାର ଗିରି ଓ ସର୍ବେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ୨ ଶିଶୁପୁତ୍ର ମୃତ

ବାଲେଶ୍ୱର, (ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ସଦର ଥାନା ପରିଷ୍ଠି ଫାଣ୍ଡି ଅଧୀନ କୟାକଦାଳ ଗ୍ରାମରେ ଶୁକ୍ରବାର ଦୁଇଜଣ ଶିଶୁ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। କୟାକଦାଳ ଗ୍ରାମର ନିତାଇ ମାଝୀଙ୍କ ଦେଢ଼ ବର୍ଷର ପୁଅ ଓ ତାଙ୍କ ଭଉଣୀଙ୍କ ଦୁଇ ବର୍ଷର ପୁଅ ଦୁହେଁ ଘର ବାହାରେ ଖେଳୁଥିବା ବେଳେ ପଡ଼ୋଶୀଙ୍କ ପୋଖରୀରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### କୁଳିଦା ପଞ୍ଚାୟତ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ରୂପସା, ୧।୩(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ କୁଳିଦା ପଞ୍ଚାୟତ କାର୍ଯ୍ୟାଳୟର ଉପର ମହଲାରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷପତ୍ର ପୋଡ଼ି ଭସ୍ମୀଭୂତ ହୋଇଛି। କାର୍ଯ୍ୟାଳୟ ପାର୍ଶ୍ୱ ମିଶନ ଶକ୍ତି ଗୃହରେ ବୈଠକ ଚାଲୁଥିବା ବେଳେ କାର୍ଯ୍ୟାଳୟର ଉପର ମହଲାରେ ହଠାତ୍ ନିଆଁ ଲାଗିଥିଲା। ଖବର ପାଇ ରାସଗୋବିନ୍ଦପୁର ଓ ଜଳେଶ୍ୱର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହୋଇ ବିଦ୍ୟୁତ୍ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ତଳ ମହଲା ଓ ଉପର ମହଲାର ଛାତ ଫାଟିଯାଇଥିବା ସହ ୱାରିଂ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ମିଟିଂ ହଲ୍‌ର ବୋର୍ଡ, କବାଟ, ଚେୟାର ସହ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି। ଖବର ପାଇ ବିଡ଼ିଓ ମୋହିନୀ କୁମାର ନାୟକ, ଜିପିଓ ଅଞ୍ଜନ କୁମାର ପାଣିଗ୍ରାହୀ, ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତିଙ୍କ ସମେତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ବାଲ୍ୟବିବାହକୁ ରୋକିଲେ ସିଏମ୍‌ପିଓ

ବାହାନଗା, ୧।୩(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ପଟଣା ଗ୍ରାମରେ ଏକ ନାବାଳିକା ବିବାହ ଚାଲିଥିବା ବେଳେ ସିଡିପିଓ ତଥା ଚାଇଲ୍ଡ ମ୍ୟାରେଜ ପ୍ରୋଟେକ୍ସନ ଅଫିସର (ସିଏମ୍‌ପିଓ)ଙ୍କ ସମେତ ସୋର ଥାନା ପୋଲିସ୍ ସଦଳବଳେ ପୁଅ ଘରେ ପହଞ୍ଚି ବିବାହକୁ ରୋକିଥିଲେ। ଘଟଣାସ୍ଥଳରୁ ଉଭୟ ଝିଅ ପୁଅ ଖସି ପଳାଇ ଏକ ବୁଦାମୂଳେ ଲୁଚିଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ଆଇସିଡିଏସ୍ କାର୍ଯ୍ୟାଳୟକୁ ଆଣି ସେଠାରେ କାଉନସେଲିଂ କରିବା ସହିତ ଉଭୟ ପରିବାର ସଦସ୍ୟମାନଙ୍କ ନିକଟକୁ ଖବର ଦେଇଥିଲେ। ତେବେ ଝିଅ ଘର ପକ୍ଷରୁ ମାଟ୍ରିକ ସାର୍ଟିଫିକେଟ ଓ ଆଧାର ଆଣି ଦେଖାଇବା ସହିତ ପୁଅ ଘର ପକ୍ଷରୁ ମଧ୍ୟ ଆଧାର କାର୍ଡ ମାଧ୍ୟମରେ ବୟସ ଦେଖାଯାଇଥିଲା। ପରେ ଉଭୟ ନାବାଳିକା ନାବାଳକଙ୍କୁ ଜିଲା ସିଡବ୍ଲ୍ୟୁସିରେ ହାଜର କରାଇଥିଲେ। ନାବାଳିକା ମାଟ୍ରିକ ପରୀକ୍ଷା ଦେଉଥିବାରୁ ନାବାଳିକାଙ୍କ ମା’ଙ୍କଠାରୁ ଅଣ୍ଡରଟେକିଂ ଲେଖିନେବା ପରେ ମା’ ସହିତ ଛାଡ଼ିଥିଲେ।

### ସମବାୟ ସମିତି କର୍ମଚାରୀଙ୍କ ଆନ୍ଦୋଳନ

ଜଳେଶ୍ୱର, ୧।୩(ନବୀନ ସାହୁ)- ଜଳେଶ୍ୱର ସମବାୟ ସମିତି ସମ୍ମୁଖରେ ଶୁକ୍ରବାର ଜଳେଶ୍ୱରର ୧୯ଟି ସମବାୟ ସମିତି କର୍ମଚାରୀମାନେ ୩ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ରାଜ୍ୟ ସରକାର ସମସ୍ତ ସରକାରୀ ଚାକିରୀଭୁକ୍ତ କର୍ମଚାରୀଙ୍କର ଦରମା ବୃଦ୍ଧି କରିବା ସହିତ କିଛି ନା କିଛି ଉପହାର ଘୋଷଣା କରିଥିଲା ବେଳେ ସମବାୟ ଅଧୀନରେ ଥିବା ୨୭୦୮ ପିଏସିଏସ୍/ଏଲ୍‌ଏଏମ୍‌ପିସିଏସ୍ କର୍ମଚାରୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ଦେଖାଇଛନ୍ତି। ସମବାୟ ସମିତି କର୍ମଚାରୀମାନେ ଦୀର୍ଘ ଦିନ ଧରି ସ୍ୱଳ୍ପ ଦରମାରେ କାର୍ଯ୍ୟ କରି ଆସୁଛନ୍ତି। ସରକାର ଯେତେ ଦିନ ପର୍ଯ୍ୟନ୍ତ ଉକ୍ତ ଦାବି ପୂରଣ ନ କରନ୍ତି ସଂଘ ଧାରଣାରୁ ଓହରିବ ନାହିଁ ବୋଲି ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ରଞ୍ଜନ କୁମାର ପତି (ସଭାପତି) ସୂର୍ଯ୍ୟକାନ୍ତ ଦାସ (ଓଲମରା ସେବା ସମବାୟର ସମ୍ପାଦକ, ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ଦାସ, ଗଙ୍ଗାଧର ଅଣ୍ଡିଆ, ଅର୍ଜିତ ପତି, ମନୋଜ କୁମାର ଜେନା, ଅନନ୍ତ କୁମାର ଜେନା, ଗୋପାଳ ଚନ୍ଦ୍ର ରାଉତ ଓ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳେଶ୍ୱର ବ୍ଲକ: ୧୫ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ

ଜଳେଶ୍ୱର, ୧।୩(ରବିନାରାୟଣ ପାତ୍ର)- ଜଳେଶ୍ୱର ବ୍ଲକ ଚମାରଗାଁ, ଗୋବରଘଟା, ଗଡସାହି ବାଲିଆପାଳ, ଖୁଦିଆ ମାଝିସାହି, ମାଙ୍କିଡିଆ, ସର୍ଦ୍ଧାବନ୍ଧ, ଶିଖରପୁର, ବାଇଗଣବାଡିଆ, ବର୍ତ୍ତନା, ଖାଲିନା, ଝୁଲୁଡା, ପଶ୍ଚିମବାର୍ଡ, କଳମା, ଝୁଆଡ, ଶ୍ୟାମନଗର ଆଦି ୧୫ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଛି। ୟୁକୋ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ସେବା ଯୋଗାଇ ଦିଆଯିବ ବୋଲି ବ୍ଲକ ଅଧ୍ୟକ୍ଷ ମାନସ ଜେନା ସୂଚନା ଦେଇଛନ୍ତି।

# ଆଗ୍ରା-ମଥୁରା ତୀର୍ଥଯାତ୍ରାରେ ଯିବେ ୯୭୦ ବରିଷ୍ଠ ନାଗରିକ

ବାଲେଶ୍ୱର,୧।୩(ମାନସ ବିଶ୍ୱାଳ)

‘ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା(୨୦୨୩-୨୪)ର ଦଶମ ପାଳିରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲାରୁ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ୯୭୦ ବରିଷ୍ଠ ନାଗରିକ ଆଗ୍ରା-ମଥୁରା ତୀର୍ଥଯାତ୍ରାରେ ଯିବେ। ଏନେଇ ବାଲେଶ୍ୱର ଜିଲାପାଳଙ୍କ ଅଫିସ ପରିସରରେ ଥିବା ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କ ସୂଚନା ଦେଇଛନ୍ତି। ଆସନ୍ତା ୨ରୁ ୭ତାରିଖ ପର୍ଯ୍ୟନ୍ତ ଯିବାର ପ୍ରକାଶ କରିଛନ୍ତି।

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଉକ୍ତ ଯୋଜନା ଅନୁଯାୟୀ ଜିଲାସ୍ତରରେ ବରିଷ୍ଠ ନାଗରିକମାନଙ୍କୁ ଚୟନ କରାଯାଇଛି। ତୀର୍ଥଯାତ୍ରୀମାନଙ୍କୁ ଶୁକ୍ରବାର ଜିଲା ପ୍ରଶାସନର ସହାୟତାରେ ନିଜ ଗ୍ରାମରୁ ବାଲେଶ୍ୱର ସଦର ମହକୁମାକୁ ଅଣାଯାଇଥିଲା। ସେଠାରୁ ସେମାନଙ୍କୁ ସହର ନିକଟସ୍ଥ ପଦ୍ମାବତୀ ପାର୍କକୁ ନିଆଯାଇ ପଞ୍ଜିକରଣ କରାଯିବା ସହ ସ୍ୱାଗତ କରାଯାଇଛି। ସେଠାରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରହିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବାଲେଶ୍ୱର ଜିଲା ପ୍ରଶାସନ ବ୍ୟବସ୍ଥାରେ ତୀର୍ଥଯାତ୍ରୀମାନଙ୍କୁ ଶନିବାର ଷ୍ଟେଶନକୁ ଅଣାଯାଇ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପୂର୍ବାହ୍ନ ପ୍ରାୟ ୧୧ଟା ୩୦ମିନିଟ୍‌ରେ ବାଲେଶ୍ୱର ରେଳଷ୍ଟେଶନରୁ ଆଗ୍ରା-ମଥୁରା ଅଭିମୁଖେ ପାରମ୍ପରିକ ନୃତ୍ୟ ବାଦ୍ୟ ମଧ୍ୟରେ ସେମାନଙ୍କୁ ବିଦାୟ ଦିଆଯିବ। ବାଲେଶ୍ୱର ଜିଲାରୁ ୨୨୬, ମୟୂରଭଞ୍ଜରୁ ୨୪୫, କେନ୍ଦୁଝରରୁ ୧୭୫, ଭଦ୍ରକରୁ ୧୪୬ ଓ ଯାଜପୁର ଜିଲାରୁ ୧୭୮ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଆସିଛନ୍ତି। ସେମାନଙ୍କ ପାଇଁ ମୋଟ୍ ୩୦ଜଣ ଏସ୍କର୍ଟ ଅଧିକାରୀ ଓ ପାରା ମେଡ଼ିକାଲ ଷ୍ଟାଫ୍ ମଧ୍ୟ ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ। ଏହି ତୀର୍ଥଯାତ୍ରାର ଅବଧି ୫ ରାତ୍ରି ୬ ଦିନ ମଧ୍ୟରେ ସୀମିତ ଅଟେ। ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅତିରିକ୍ତ ଅଧିକାରିଣୀ ଐଶ୍ୱର୍ଯ୍ୟା ସାମନ୍ତ, ସହକାରୀ ଜିଲାପାଳ ଅଙ୍କିତା ମହାନ୍ତି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଓ ଅନ୍ୟମାନେ।

# ଅଗ୍ନିପୁର-ଗୋବିନ୍ଦପୁର ସମ୍ପର୍କକୁ ନିବିଡ଼ କରିବ ବିଜୁସେତୁ



ବିଧାୟକ ଙ୍କ ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଖଇରା, ୧।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଗ୍ନିପୁର-ଗୋବିନ୍ଦପୁର ଗ୍ରାମକୁ ବିଚ୍ଛିନ୍ନ କରୁଥିବା କାଂଶବାଂଶ ନଦୀରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ପରେ ଉଭୟ ଗ୍ରାମବାସୀଙ୍କ ମୁହଁରେ ହସ ଉଙ୍କି ମାରିଛି। ଯୁବ ନେତା ସମ୍ପଦ ଘଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ସାଢେ ୫କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପୋଲ ୨ ଗ୍ରାମର ସମ୍ପର୍କକୁ ସୁଦୃଢ଼ କରିବା ସହ ସେମାନଙ୍କ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି କହିଥିଲେ। ସରପଞ୍ଚ ସସ୍ମିତା ଧାନ୍ଦା, ସମିତି ସଭ୍ୟା ସଂଯୁକ୍ତା ମହାପାତ୍ର, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଗୁନି ଧାନ୍ଦା, କନିଷ୍ଠଯନ୍ତ୍ରୀ ମନୋଜ କୁମାର ସାମନ୍ତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଡିସେମ୍ବର ସୁଦ୍ଧା କାର୍ଯ୍ୟ ସରିବା ନେଇ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ ସହ ଉତ୍ତେଜନା



ରାସ୍ତାରୋକୋ ସହ କ୍ଷତିପୂରଣ ଦାବି କରାଯାଉଛି।

ନୀଳଗିରି, ୧।୩(ପ୍ରଶାନ୍ତ ବିଶ୍ୱାଳ)

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ନୀଳଗିରି-ମିତ୍ରପୁର ରାସ୍ତାର ଷ୍ଟେଶନ ସାହି ନିକଟରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ଜୀବନ ଯାଇଛି। କେପି ଲାଖରାଜ ପଞ୍ଚାୟତ ମିତ୍ରପୁର ଗ୍ରାମର କୃପାସିନ୍ଧୁ ନାୟକଙ୍କ ପୁଅ ଗଜେନ୍ଦ୍ର (୩୧) ପରିବାର ପ୍ରତିପୋଷଣ ପାଇଁ ନୀଳଗିରିସ୍ଥିତ ଏକ ମିଠା ଦୋକାନରେ କାମ କରନ୍ତି। ଗୁରୁବାର ରାତି ୧୦ଟାରେ ଦୋକାନରେ କାମ ସାରି ଘରକୁ ଫେରୁଥିବା ବେଳେ ନୀଳଗିରି ମିତ୍ରପୁର ରାସ୍ତାର ନବୀକରଣ କାମ ଚାଲୁଥିବା ବେଳେ ରାସ୍ତାର ଅଧିକାଂଶ ସ୍ଥାନରେ ଡାଇଭର୍ସନ୍ ଏବଂ ଖାଲ ଥିବାରୁ ଗଜେନ୍ଦ୍ର ବାଇକ୍ ଧୀରେ ଚଳାଇ ଯାଉଥିବା ବେଳେ ହଠାତ୍ ଷ୍ଟେସନସାହି ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏବଂ ଖବରପାଇ ପରିବାର ଲୋକେ ନୀଳଗିରି ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଗଜେନ୍ଦ୍ରଙ୍କ ଏକ ୭ ବର୍ଷର ପୁଅ ଅଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଉକ୍ତ ରାସ୍ତାରେ ଜନସାଧାରଣ ରାସ୍ତାରୋକୋ କରିବା ସହିତ କ୍ଷତିପୂରଣ ଦାବି କରିଥିଲେ। ଏଥିସହିତ ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ଲୋକଙ୍କ ଧନଜୀବନ ସୁରକ୍ଷିତ ପାଇଁ ଯତ୍ନବାନ ହେବାକୁ ଅଡ଼ି ବସିଥିଲେ। ନୀଳଗିରି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନୀଳଗିରି ପୋଲିସ ପକ୍ଷରୁ ଅଜଣା ଗାଡ଼ି ଧକ୍କାରେ ଏକ ମାମଲା (ନଂ.୫୬/୨୪) ରୁଜୁ କରାଯାଇଛି।

# ବିଜେଡିର ମିଶ୍ରଣ ପର୍ବ

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ବାଲିଆପାଳ (ଅମୂଲ୍ୟ ଦାସ), ୧।୩

### ମିଶିଲେ ଜମ୍ବିରାଇର କଂଗ୍ରେସ ସମର୍ଥିତ ସମିତିସଭ୍ୟ

ବସ୍ତା ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକରେ ଗତ ଗୁରୁବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜମ୍ବିରାଇ ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତିସଭ୍ୟ ସୁଦର୍ଶନ ପଣ୍ଡିତ, ଡଗରା ପଞ୍ଚାୟତ କଂଗ୍ରେସ ଦଳର ସକ୍ରିୟ ସଦସ୍ୟ ସଚିନ୍ଦ୍ର ବିଶ୍ୱାଳ, ରାଜକିଶୋର ପାତ୍ର ଏବଂ ଭରତ ପାତ୍ର ବିଜେଡିରେ ସାମିଲ ହୋଇଛନ୍ତି। ବିଜୁ ଜନତା ଦଳର ପୂର୍ବତନ ଜିଲା ସଭାପତି ତଥା ଖୋର୍ଦ୍ଧା ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲହାର ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡ଼ିରେ ଯୋଗଦେଇଛନ୍ତି।

ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତ ମଧ୍ୟରୁ ଗତ ପଞ୍ଚାୟତ ନିର୍ବାଚନରେ ୧୧ଟିରେ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ଜିତିଥିଲେ। କିନ୍ତୁ ଏହି କିଛି ଦିନ ଭିତରେ ଶ୍ରୀରାମପୁର, ବିଷ୍ଣୁପୁର ପଞ୍ଚାୟତର ସମିତିସଭ୍ୟ ବିଜେଡ଼ିରେ ଯୋଗଦାନ କରିଥିଲେ। ଗତ ଗୁରୁବାର ଜମ୍ବିରାଇ ସମିତିସଭ୍ୟଙ୍କ ଯୋଗଦାନ ପରେ ଏହା ୧୪ରେ ପହଞ୍ଚିଛି ଯାହାକି କଂଗ୍ରେସକୁ ଏକ ସତର୍କ ଘଣ୍ଟି ସଦୃଶ ହୋଇଛି। ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନୀଲ ମହାନ୍ତି, ୨୨ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ଉପସଭାପତି ଦେବ କୁମାର ଦେ, ବରିଷ୍ଠ ନେତା ରତ୍ନାକର ବିଶ୍ୱାଳଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଭକ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ସାହୁ), ୧।୩-ବାଲିଆପାଳ ବ୍ଲକ ଜଗତିପୁର ପଞ୍ଚାୟତ ଭିକାଗଡ଼ିଆ ଗ୍ରାମରେ ଭକ୍ତେଶ୍ୱର ବାବାଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମହିଳାମାନେ ଆମ୍ବରୁଆ ସୁବର୍ଣ୍ଣରେଖା ନଦୀରୁ ପାଣି ଉଠାଇ ଏକ ଶୋଭଯାତ୍ରାରେ ଆସି ମନ୍ଦିର ପରିସରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ ସାମିଲ ହୋଇଥିଲେ। ପ୍ରତିଷ୍ଠା ଉତ୍ସବ ଅବସରରେ ସଂକୀର୍ତ୍ତନ, ଯଜ୍ଞ, ଅଷ୍ଟପ୍ରହରୀ, ମହୋତ୍ସବ, ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଦିବାକର ସାମନ୍ତରାୟ, ହରେକୃଷ୍ଣ ସାମଲ, ଗାଁର ମୁଖିଆ ବଂଶୀଧର ରାଉଳ, ବୈକୁଣ୍ଠ ନାଥ ପାଢ଼ୀ, ସୁଧୀର ମହାପାତ୍ର, ଜଗଦୀଶ ମହାପାତ୍ର, ବିଜୟ ସାମଲ, ପ୍ରଭାକର ସାମଲ, ଶାନ୍ତନୁ ମହାପାତ୍ର, ବିରଞ୍ଚି ପାତ୍ର, ରବୀନ୍ଦ୍ର ବେହେରା, ସୁଶାନ୍ତ ସାମନ୍ତରାୟ, ଗୁରୁ ପ୍ରସାଦ ପାଢ଼ୀ, ଶଶୀଭୂଷଣ ପାତ୍ର, ସତ୍ୟସୁନ୍ଦର ସାମନ୍ତରାୟ, ମନ୍ମଥ ସାମନ୍ତରାୟ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ ଏବଂ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍



ଡାକ୍ତରଖାନା ପରିସରରେ କାୟାକଳ୍ପ ଟିମ୍‌ର ସଦସ୍ୟ।

ଆନନ୍ଦପୁର,୧।୩(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ପରିଦର୍ଶନରେ ଚିକିତ୍ସାଳୟର ପୁରୁଷ ଓ ମହିଳା ବିଭାଗ, ଶିଶୁ, ମାତୃ ବିଭାଗ ବୁଲିବା ସହିତ ଓଟି ରୁମ୍ ପରିଦର୍ଶନ କରିଛନ୍ତି। ପରିଦର୍ଶନ ବେଳେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରକୁ କମିଟିର ସଦସ୍ୟମାନେ ବିଭିନ୍ନ ଆଳରେ ବୁଲାଇ ପ୍ରତିକ୍ରିୟା ରଖିଥିବା ବେଳେ ସମସ୍ୟା ପ୍ରତି ଗଣମାଧ୍ୟମ ପ୍ରତିନିଧି ଅବଗତ କରାଇଥିଲେ। ପରିଦର୍ଶନରେ ଟିମ୍ ଲିଡ୍‌ର ସନ୍ତୋଷ କୁମାର ନାୟକ, ଜଏଣ୍ଟ ଡାଇରେକ୍ଟର ଟିବି ଡ଼. ଆରୋଗ୍ୟ ପ୍ରଧାନ ଓ ଏସ୍‌ପିଏମ୍ ନିପି ଦୀପକ ବିଶ୍ୱାଳ ପ୍ରମୁଖ ପରିଦର୍ଶନ କରିଥିଲେ।

# ୪ରେ ପ୍ରଗତିମଞ୍ଚର ରେଳରୋକୋ ଆନ୍ଦୋଳନ

ରୂପସା, ୧।୩(ବାଞ୍ଛାନିଧି ଦେ)

### ସୁଧୁରୁନି ହଳଦୀପଦା ଷ୍ଟେଶନ ସମସ୍ୟା

ବାଲେଶ୍ୱର ଜିଲା ଅଧୀନ ହଳଦୀପଦା ରେଳ ଷ୍ଟେଶନରେ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ ପରେ ବି ରେଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ହଳଦୀପଦା ପ୍ରଗତିମଞ୍ଚ ପକ୍ଷରୁ ମାର୍ଚ୍ଚ ୪ ତାରିଖରେ ସକାଳ ୫ଟାରୁ ଦିବା ୧ଟା ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନ ହେବ ବୋଲି ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାଧାକୃଷ୍ଣ ଜେନା ଓ ବୃହସ୍ପତି ଦାଶ, ମୁଖ୍ୟ ଉପଦେଷ୍ଟା ସୁଦର୍ଶନ ନାୟକ, ଉପସଭାପତି ବିଜୟ କୁମାର ନାୟକ ଓ ହରେନ୍ଦ୍ର ପ୍ରଧାନ, ସମ୍ପାଦକ ବୀରେନ୍ଦ୍ର କୁମାର ନନ୍ଦ, ସହସମ୍ପାଦକ ଦୀପକ କୁମାର ଜେନା, କୋଷାଧ୍ୟକ୍ଷ ଚୈତନ୍ୟ ପ୍ରସାଦ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମଞ୍ଚ ପକ୍ଷରୁ ଗତ ଫେବୃଆରୀ ୨୫ରେ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ସମେତ ଜିଲାପାଳ, ଏସ୍‌ପି, ଜିଆର୍‌ପି ଓ ଆରପିଏଫ୍ ଥାନାକୁ ଲିଖିତ ଭାବେ ଜଣାଯାଇଛି। ଏହି ଷ୍ଟେଶନରେ ରିଜର୍ଭସନ ଟିକେଟ କାଉଣ୍ଟର ଖୋଲାଯିବା, ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଷ୍ଟେଶନ ପରିସରରେ ଏକ ଏଟିଏମ୍ ସ୍ଥାପନ, ଷ୍ଟେଶନ ଉତ୍ତର ପାର୍ଶ୍ୱରେ ରାମ୍ପ (ଗଡ଼ନ୍ତି ବାଟ)ର ସୁବିଧା, ବାଇକ ଓ ଭ୍ୟାନ ରଖିବା ପାଇଁ ଏକ ଷ୍ଟାଣ୍ଡ ନିର୍ମାଣ, ରାଇସୁଆଁ ରେଳ ଫାଟକଠାରେ କଂକ୍ରିଟ୍ ରାସ୍ତା ମରାମତି ପାଇଁ ଗତ ଡିସେମ୍ବରରେ ରେଳ ମନ୍ତ୍ରୀ, ରେଳ ବୋର୍ଡ, ଏମ୍‌ପି, ଜେନେରାଲ ମ୍ୟାନେଜର, ଡିଆର୍‌ଏମ୍ ପ୍ରମୁଖଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ରେଳ ବିଭାଗ ପକ୍ଷରୁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଆସନ୍ତା ୪ ତାରିଖରେ ରେଳରୋକୋ ଆନ୍ଦୋଳନ ହେବ ବୋଲି ପ୍ରଗତିମଞ୍ଚ ପକ୍ଷରୁ ଡାକରା ଦିଆଯାଇଛି।

# ‘ଉତ୍ତମ ନାଗରିକ ସମାଜକୁ ପରିବର୍ତ୍ତନ କରିପାରିବେ’

ସିମୁଳିଆ, ୧।୩(ସନ୍ତୋଷ ନାୟକ)



ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ଉମାଶଙ୍କର ନାୟକ ସୂଚନା ପ୍ରଦାନ କରୁଛନ୍ତି।

### ‘ଗ୍ରାମୀଣ କୃଷି ମୌସମ ସେବା’

କୃଷି କ୍ଷେତ୍ରରେ ରାସାୟନିକ ସାର ଔଷଧର ମାତ୍ରାଧିକ ବ୍ୟବହାର ଯୋଗୁ ଜନଜୀବନ ସହିତ ପରିବେଶ ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ଚାଷୀମାନଙ୍କୁ ସଚେତନତା ପାଇଁ ଶୁକ୍ରବାର ରାଣିତାଲ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ପରିସରରେ ‘ଗ୍ରାମୀଣ କୃଷି ମୌସମ ସେବା ଯୋଜନାରେ’ ‘ଜଳବାୟୁ ପରିବର୍ତ୍ତନ ପ୍ରଭାବର ଅନୁକୂଳନ ଓ ପ୍ରଶାସନ କାର୍ଯ୍ୟକ୍ରମ’ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଉତ୍ସବରେ ବାଲେଶ୍ୱର ଓ ଭଦ୍ରକ ଜିଲାର ୫୦ଜଣ ଅଗ୍ରଣୀ କୃଷକ ଯୋଗ ଦେଇଥିଲେ।

ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଉମାଶଙ୍କର ନାୟକ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ କୃଷି ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରି ଉପକୂଳ ଅଞ୍ଚଳରୁ ତାଳ ଓ ନଡ଼ିଆ ଗଛ ସଂଖ୍ୟା କମିଯିବାରୁ ବଜ୍ରପାତ ପରି ଦୁର୍ବିପାକ ଘଟୁଥିବା କହିଥିଲେ। ଏହାବ୍ୟତୀତ ପ୍ରାକୃତିକ କୃଷି, ବନୀକରଣ, ବର୍ଜ୍ୟବସ୍ତୁର ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଭଦ୍ରକ ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଦୟ ରଞ୍ଜନ ଜେନା ଉଦ୍ୟାନ କୃଷି, ମାଛ ଚାଷ, ଫୁଲ ଚାଷ ଆଦିରେ ସରକାରଙ୍କ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ବେହେରା କ୍ଷେତ ପୋଖରୀ ଯୋଜନା, ସମନ୍ୱିତ କୃଷି, ତୈଳବୀଜ, ଡାଲି ଜାତୀୟ କୃଷି, ବତକ ପାଳନ ସହିତ କୃଷିକୁ ସର୍ବଦା ଲାଭଜନକ କରିବା ପାଇଁ ପରାମର୍ଶ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଅନୁସାରେ ତାଳଦେଇ କୃଷି କଲେ ସମଗ୍ର ପୃଥିବୀକୁ ଖାଦ୍ୟ ଶସ୍ୟ ଯୋଗାଯାଇପାରିବ ବୋଲି ବହୁମୁଖୀ ଯୋଜନା ଅଧିକାରିଣୀ କ୍ଷୀରାଦ୍ରୀ ତନୟା ରାଉତ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ ବୈଜ୍ଞାନିକମାନଙ୍କ ଗବେଷଣା ଚାଷୀମାନଙ୍କ ନିକଟରେ ଶତକଡା ୭ ଭାଗ ପହଞ୍ଚୁଥିବାରୁ କୃଷିର ପ୍ରଗତି ହୋଇପାରୁନାହିଁ, ଚାଷୀମାନେ ପୁଣି ପାରମ୍ପରିକ କୃଷିକୁ ଫେରିବା ପାଇଁ ବାଧ୍ୟ ହେବେ, ତେଣୁ ଜୈବିକ ଖତ ପ୍ରସ୍ତୁତ କରି କୃଷି କରିବା ପାଇଁ ପରାମର୍ଶ ଦେବା ସହିତ ଉତ୍ତମ ନାଗରିକ ନିଜକୁ ପରିବର୍ତ୍ତନ ସହିତ ସମାଜକୁ ପରିବର୍ତ୍ତନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲା କୃଷି ଅଧିକାରୀ ଶ୍ରୀଧର ଦାଶ ଜଳବାୟୁ ଉପଯୋଗୀ କୃଷି ଓ ଚିର ପୌଷମାନ କୃଷି ସମ୍ପର୍କରେ ସୂଚନା ଦେବା ସହିତ କମ୍ ଜଳ ଆବଶ୍ୟକତା କରୁଥିବା କୃଷି କରିବା ପାଇଁ ପରାମର୍ଶ ଦେଇଥିଲେ। ଜମିରେ ଅଧିକ ସାର ଔଷଧ ଯୋଗୁ ମାଟି ନଷ୍ଟ ହେଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତୋ ଅଞ୍ଚଳିକ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ନାୟକ, ରିଲିଆନ୍ସ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ଦିବ୍ୟକାନ୍ତ ନାୟକ, ମୀରା ମହାନ୍ତି, ଡ. ଚିନ୍ମୟ କୁମାର ଦାଶ ଓ ଭାନୁମତୀ ଧାନ୍ଦା ପ୍ରମୁଖ ଯୋଗ ଦେଇଥିଲେ।

# ଚିତ୍ରଡ଼ାରେ ଭଞ୍ଜସେନାର ଜନସମାବେଶ



ସମାବଶରେ ଉପସ୍ଥିତ ଭଞ୍ଜସେନାର କାର୍ଯ୍ୟକର୍ତ୍ତାମାନେ।

ମୋରଡ଼ା,୧।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାର ରାବଣ ପୋଡ଼ି ପଡ଼ିଆରେ ଜିଲାର ଅଗ୍ରଣୀ ସଂଗଠନ ଭଞ୍ଜସେନାର ମୋ ଜିଲା ମୋ ଗର୍ବ କାର୍ଯ୍ୟକ୍ରମକୁ ନେଇ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ କର୍ମୀ ଏକାଠି ହୋଇଥିଲେ। ପ୍ରଥମ ଥର ପାଇଁ ଭଞ୍ଜସେନା ରାଜନୈତିକ ମୈଦାନକୁ ଓହ୍ଲାଇବା ସହିତ ମୋରଡ଼ା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସମସ୍ତ ସମସ୍ୟାର ସମାଧାନ ଏବଂ ଅଞ୍ଚଳର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ରହିବ ବୋଲି ରାଉତ କହିଥିଲେ। ଯେଉଁଦିନ ବିଧାୟକମାନେ ଲୋକଙ୍କ ପିଣ୍ଡାରେ ବସି ସମସ୍ୟା ଶୁଣିବେ ସେହିଦିନ ହିଁ ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ। ଭଞ୍ଜସେନାର ଆନ୍ଦୋଳନ ଯୋଗୁ ମୟୂରଭଞ୍ଜ ଜିଲାର ମେଡିକାଲ କଲେଜ ପ୍ରତିଷ୍ଠା,କୋଭିଡ ସମୟରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା,ଦ୍ୱାରଶୁଣି ଘାଟି ରାସ୍ତାର ପ୍ରଶସ୍ତୀକରଣ ସମ୍ଭବ ହେବା ସହିତ ଆଗକୁ ଶିଳ୍ପ ବିହୀନ ମୟୂରଭଞ୍ଜ ଜିଲାରେ ଶିଳ୍ପ ପ୍ରତିଷ୍ଠା, ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମିତି ସଭ୍ୟା ସାଲତୀ ମୁର୍ମୁ, ଜିଲା ସଭାପତି ପିଣ୍ଟୁ ମାଇତି,ରାକେଶ ବେହେରା, ବ୍ଲକ ସଭାପତି ପରିତୋଷ ବାରିକ ଓ ବାର୍ସା ହେମ୍ବ୍ରମ ଯୋଗ ଦେଇଥିଲେ। ଲୋକନାଥ ବେହେରା, ତାପସ ବେହେରା, ଛୁଟୁ ବେହେରା,ସିପୁନ ବେହେରା, ସିପୁନ ସେନାପତି ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

